ସେଇଠୁ
ଆରମ୍ଭ
SEITHO ARAMBHA
ଶନିବାର, ୨୪ ମେ,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ସମାନ ଆଇନ୍

ଭାରତ ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର । ବହୁ ପଛକୁ ଫେରିଗଲେ, ଇତିହାସକୁ ତର୍ଜମା କଲେ ଅତୀତର ଭାରତବର୍ଷ ଏସିଆର ଏକ ଉପମହାଦେଶ ସ୍ତରୀୟ ଭୌଗୋଳିକ ଅବସ୍ଥିତି ଯେଉଁଥିରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲୋକମାନେ ବାସ କରିଆସୁଛନ୍ତି । ପୃଥିବୀରେ ବୋଧହୁଏ ଭାରତ ହିଁ ସେହିଭଳି ଦେଶ, ଯାହାର ଗଣତାନ୍ତ୍ରିକ ରୂପରେଖ ଅତି ବିଶାଳ । ଭାରତର ସବୁକିଛି ବିଶାଳ ଯେପରି ଭୌଗୋଳିକ ସ୍ଥିତି, ପ୍ରାକୃତିକ ସ୍ଥିତି ଅର୍ଥାତ ପ୍ରାକୃତିକ ସମ୍ପଦରେ ଭରପୂର ଭାରତ ପ୍ରତି ଆକର୍ଷିତ ହୋଇ ଆରବ ରାଷ୍ଟ୍ର ସମୂହ ଅତୀତରେ ଭାରତରେ ଅନଧିକାର ପ୍ରବେଶ କରି ଭାରତର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିଥିଲେ । ଭାରତର ସାମାଜିକ ସ୍ଥିତି ମଧ୍ୟ ବେଶ୍ ସବଳ ଥିଲା । ଅର୍ଥାତ ଦେଶର ଆର୍ଥିକ ସ୍ଥିତି ବେଶ୍ ଉନ୍ନତ ଥିଲା । ସେପାଇଁ ଆରବୀୟ ଏବଂ ପରେ ପରେ ବ୍ରିଟିଶମାନେ ପ୍ରାକୃତିକ ସମ୍ପଦଭରା ଭାରତରେ ପ୍ରବେଶ କରି ଦେଶର ସ୍ୱାଧୀନତା ଉପରେ ଆଞ୍ଚ୍ ଆଣିବାର ପ୍ରୟାସ କରିଥିଲେ । ସଫଳ ବି ହୋଇଥିଲେ । ଭାରତ ପ୍ରତି ସେମାନେ ବିଶ୍ୱାସଘାତକତା କରିଥିଲେ । ପରେ ସତର୍କ ଭାରତ ଧୀରେ ଧୀରେ ସେସବୁ ବିଦେଶୀ ରାଷ୍ଟ୍ର ବିରୋଧରେ ନିଜର ବୁଦ୍ଧିବଳ ଖଟାଇ ସେମାନଙ୍କୁ ଦେଶରୁ ତଡ଼ିବାର ଉଦ୍ୟମ କରିଥିଲେ ଏବଂ ସେମାନେ ବି ସଫଳ ହୋଇଥିଲେ । ହେଲେ ସେ ମଧ୍ୟରେ ବିଦେଶୀ ରାଷ୍ଟ୍ରମାନେ ଭାରତର ପ୍ରଭୂତ କ୍ଷତି ସାଧନ କରିସାରିଥିଲେ ଯାହା ଦେଶ ପାଇଁ ଅତି ହାସ୍ୟାସ୍ପଦ ଏବଂ ଦୁଃଖଦ ଘଟଣା ଥିଲା । ଏଭଳି ଘଟଣା ପଛରେ ଅନେକ ଗୁଡ଼ିଏ କାରଣ ଥିଲା; ଯାହା ମଧ୍ୟରେ ଅସମାନ ସଂହିତା ଗୋଟାଏ ପ୍ରମୁଖ କାରଣ । ନାଗରିକ ସଂହିତା ହେଉଛି ଏଭଳି ଏକ ନିୟମ, ଏଭଳି ଏକ ତତ୍ତ୍ୱ ଯାହା ଉପରେ କୌଣସି ବି ଦେଶର ଆଦର୍ଶ ନିର୍ଭର କରେ । କୌଣସି ବି ଦେଶର ଉନ୍ନତି ନିର୍ଭର କରେ । ଇତିହାସକହୁଛି, ଭାରତରେ ସେହି କଥାର ଅଭାବ ଥିଲା ନିଶ୍ଚୟ ଯେଉଁଥିପାଇଁ ଦେଶରେଅନ୍ତର୍ନିହିତ ସମସ୍ୟା ସୃଷ୍ଟି ହୋଇଥିଲା, ଅନ୍ତର୍ନିହିତ ବିବାଦ ସୃଷ୍ଟି ହୋଇଥିଲା । ଗୋଷ୍ଠୀ କଳହ ତଥା ଗୋଷ୍ଠୀ ବିବାଦ କାରଣରୁ ଦେଶ ଭିତରେ ହିଁ ସୃଷ୍ଟି ହୋଇଥିଲା ଫାଟ । ରାଜ୍ୟ ରାଜ୍ୟ ମଧ୍ୟରେ ଏବଂ ରାଜା ରାଜା ମଧ୍ୟରେ ଦେଖାଦେଇଥିଲା ବିବାଦ । ଭାରତୀୟ ପରମ୍ପରାରେ ବହୁ ପୂର୍ବରୁ ରହିଆସିଥିବା ଜାତିଭେଦ ଭାରତୀୟଙ୍କ ନୈତିକତାକୁ ଭେଦକରି ସେମାନଙ୍କୁ ଅଧୋପତନର ବାଟ ଦେଖାଇଥିଲା । ବିଦେଶୀ ଶକ୍ତି ତା'ର ସୁଯୋଗ ନେଇ ବହୁ ଦୂରରୁ ଆସି ଦେଶ ଭିତରେ ଅସ୍ଥିରତା ସୃଷ୍ଟି କରିଥିଲା । ଦେଶରେ ଏଭଳି ଅସ୍ଥିରତା ସୃଷ୍ଟି ପଛରେ ବହୁତ ବଡ଼ ଗୋଟାଏ କାରଣ ହେଉଛି ଅସମାନ ଆଚାର ସଂହିତା । ଅର୍ଥାତ୍ ଦେଶରେ ବିଭିନ୍ନ ପ୍ରକାର ଅସମାନତା ଯାହା ଭିତରେ ଜାତିଭେଦ ହେଉଛି ବଡ଼ ଗୋଟାଏ କାରଣ, ବଡ଼ ଗୋଟାଏ ପ୍ରତିବନ୍ଧକ । ଏଣୁ ଗୋଟାଏ ଦେଶରେ ଗୋଟାଏ ନିୟମ ଲାଗୁହେବା ଜରୁରୀ । ସମାନ ଆଚାର ସଂହିତା ହେଉଛି ସେହି ନିୟମ ଯାହା ମାଧ୍ୟମରେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ହୋଇପାରିବେ, ସମସ୍ତେ ସମାନତାର ମାନ୍ୟତା ପାଇପାରିବେ । ସେହି ନିୟମରୁ ଚିନ୍ତା କଲେ ଦେଶରେ ପ୍ରଥମେ ଗୋଟାଏ ଭାଷା ଏବଂ ଗୋଟାଏ ଧର୍ମ ଲାଗୁହେବା ଉଚିତ । ହିନ୍ଦୀକୁ ରାଷ୍ଟ୍ରୀୟ ଭାଷାର ମାନ୍ୟତା ମିଳିବା ଦରକାର ଏବଂ ଭାରତୀୟ ସତ୍ୟ ସନାତନ ଧର୍ମକୁ ଜାତୀୟ ମାନ୍ୟତା ମିଳିବା ଦରକାର । ସମାନ ଆଚାର ସଂହିତା ନିୟମ ଅନୁସାରେ ଦେଶରେ କେତେ ବି ଭାଷା ରହୁ, କେତେ ବି ଜାତି ରହୁ ହେଲେ ଗୋଟାଏ ନିର୍ଦ୍ଦିଷ୍ଟ ନିୟମ ଲାଗୁହେବା ଦରକାର । ଦେଶରେ ବହୁ ଆଗରୁ ବି ବିବିଧତା ଥିଲା ଯାହା ଦେଶର ପ୍ରଗତିରେ ବହୁତ ବଡ଼ ପ୍ରତିବନ୍ଧକ । ପ୍ରାକୃତିକ ବିବିଧତାକୁ ସ୍ୱାଗତ କରାଯାଇପାରେ ହେଲେ କୃତ୍ରିମ ବିବିଧତାକୁ ନୁହେଁ । ମଣିଷ ଦ୍ୱାରା ସୃଷ୍ଟ ବିବିଧତା ହିଁ ସବୁ ସମସ୍ୟାର ମୁଖ୍ୟ କାରଣ । ଏଣୁ ସେଥିରୁ ନିସ୍ତାର ପାଇବା ପାଇଁ ଦେଶରେ ସମାନ ଆଚାର ସଂହିତା ଲାଗୁ ହେବାର ଆବଶ୍ୟକତା ରହିଛି । ଯାହା ମାଧ୍ୟମରେ ଦେଶରେ ବିବିଧତା ମଧ୍ୟରେ ଏକତା ଆସିପାରିବ । ଦେଶରେ ଦୀର୍ଘ ଦିନରୁ ସମାନ ନାଗରିକ ସଂହିତା ଲାଗୁହେବା ନେଇ କେବଳ ଆଲୋଚନା ପ୍ରତ୍ୟାଲୋଚନା ହୋଇଆସୁଛି । ହେଲେ ଲାଗୁ ହେଉନି । ଏବେ କିନ୍ତୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସମାନ ନାଗରିକ ସଂହିତା ସମ୍ବନ୍ଧିତ କିଛି ନିୟମ ସୁପ୍ରିମ୍ କୋର୍ଟଙ୍କ ପକ୍ଷରୁ ଲାଗୁ କରାଗଲାପରେ ତା'ର କାର୍ଯ୍ୟକାରୀତା ନେଇ କେନ୍ଦ୍ର ସରକାରଙ୍କୁ ବ୍ୟବସ୍ଥିତ ଢଙ୍ଗରେ କିଛି ତ୍ୱରାନ୍ୱିତ ପଦକ୍ଷେପ ନେବାକୁ ପଡ଼ିବ ଯେଉଁଥିରେ କୌଣସି ବି ଧର୍ମର ଲୋକଙ୍କ ପାଇଁ ନିୟମ କିନ୍ତୁ ଗୋଟିଏ ରହିବା ଦରକାର । ଯେପରି ହିନ୍ଦୁ ଧର୍ମରେ ଗୋଟାଏ ବିବାହ ସଠିକ୍ ଥିବା ବେଳେ ଇସଲାମ୍ ଧର୍ମରେ ମୋଟ୍ ଚାରିଟି ପର୍ଯ୍ୟନ୍ତ ବିବାହ ସମ୍ଭବ । ଯାହା ଏକଦମ୍ ଭୁଲ୍ । ଇସଲାମ୍‌ରେ ବୁର୍ଖା ପିନ୍ଧିବା ନିହାତି ଦରକାର ହେଲେ ହିନ୍ଦୁ ଧର୍ମରେ ସେପରି ନାହିଁ । ଖ୍ରୀଷ୍ଟିଆନ୍ ଧର୍ମରେ ବି ସେପରି କିଛି ବ୍ୟବସ୍ଥା ନାହିଁ । ଅଥଚ ଇସଲାମ୍‌ରେ ସେପରି ଧାରା କେତେଦୂର ଠିକ୍, ତାହା ଉପରେ ବିଚାର ବିମର୍ଶ କରିବାର ସମୟ ଆସିଯାଇଛି । ଏହି ନିୟମ ଲାଗୁ କରିବାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପରିସ୍ଥିତିରେ ବିଳମ୍ବ କରିବା ଉଚିତ ନୁହେଁକି କୌଣସି ପ୍ରକାର ବୁଝାମଣା କରିବା ଉଚିତ ନୁହେଁ ।

# ହେ ଭକତେ...ହାଡୁପା କହିଲେ ବାଇ ଏଠାରେ..

## ।। ଡାକ୍ତର ସମ୍ରାଟ କର ।।

ଆମ ଓଡ଼ିଆ ସାମାଜିକ ଚଳଣି ଓ ଲୋକ ଚରିତ୍ର ତଥା ଜୀବନରେ ଅଟା ମଜାର ଜୀବନ ଚଳଣି ରହିଛି । ସମ୍ପର୍କରେ, ସମାଜର ଆଙ୍ଗନାରେ ମଧୁର ସମ୍ପର୍କକୁ ଏହା ଗ୍ରନ୍ଥିମନ୍ତ କରିଥାଏ । ତେବେ ଟାହି ଟାପରା ସାମାଜିକ ଭାବେ ଅନ୍ୟ ଜଣଙ୍କୁ କଷ୍ଟ ଦେଇଥାଏ ଏହା ସହ ସାମାଜିକ ପ୍ରତିଷ୍ଠା ବି ମଧ୍ୟ କ୍ଷତି କରିଥାଏ । ଜଗନ୍ନାଥଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ଏକ ଅସାଧାରଣ ପରମ୍ପରା ମଧ୍ୟ ରହିଛି । ଘଣ୍ଟ, କାହାଳୀ, ତୁରୀ ନିନାଦ ଭିତରେ ରଥ ଡାହୁକର ଅକଥ୍ୟ ଭସନା ଭିତରେ ଆରମ୍ଭ ହୁଏ ପତିତପାବନ ଯାତ୍ରା । ଏହି ଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ମଧ୍ୟରେ ଏହି ଡାହୁକର ଅକଥ୍ୟ ଭର୍ତ୍ସନା ବାଣୀ ଅନେକ ଭାବେ ଅଶ୍ଳୀଳ ରୂପେ ପ୍ରତୀୟମାନେ ହେଲେ ହେଁ ଏହା ତନ୍ତ୍ର ଯୁଗର ସହଜ ସାଧନା ପ୍ରଭାବ ପୁଷ୍ଟ ଓ ସମ୍ପ୍ରତି ପ୍ରଚଳିତ । ମହାପ୍ରଭୁଙ୍କ ଏହି ରଥଯାତ୍ରାର ସମୟରେ ଯେଉଁ ଡାହୁକର ବଚନିକା ତଥା ଏହାର ସ୍ରଷ୍ଟା ବାସ୍ତବରେ କିଏ ? ଏହା ଯେଉଁପରି ରଚନା ହୋଇଥାଏ ତାହା ଏକ ସାଧାରଣ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଜ ନୁହଁ । ଏହା ଗୁରୁଶ୍ରେଷ୍ଠ 'ହାଡିପା'ଙ୍କ ଦ୍ୱାରା ରଚନା ହୋଇଛି । ଏହି ଡାହୁକ ବଚନିକା ସମ୍ବନ୍ଧରେ ହାଡ଼ିପାଙ୍କ ରଚିତ ଏକ ଶବ୍ଦାବଳୀ ଉଲ୍ଲେଖ କରୁଛୁ - 'ହେ ଭଗତେ.... । ହାଡୁପା କହିଲେ ବାଇ ଏଠାରେ..... ଯୋନି ଦରଶନ ସୁଖ ଅପାର..... ଭଗରେ ବାଜିଲେ ଲିଙ୍ଗର ମୁଣ୍ଡି...... ତିନିଧାର ନାଳ ଜିଁଅଇ ଦେଣ୍ଡି.... ଛଗଣ୍ଡି ଭେଦଇ ସେ ନାଳ ଯେତେ..... ରମଣ କିରବୁ ଭକତେ ତେବେ ।'

ଏଥିରେ କାମ ପ୍ରଣୋଦିତ ଅର୍ଥ ହେଲେ ମଧ୍ୟ ଏହାର ଯୌଗିକ ଅର୍ଥ ହେଲା ପାକିଆର ଛତ୍ର ତ୍ରିକୋଣକାର ଯୋନି ସଦୃଶ । ଏଥିରେ ଆତ୍ମଲିଙ୍ଗ ଯୋଗ ହେଲେ ଇଡ଼ା ପିଙ୍ଗଳା ସୁଷୁମ୍ନା ଧାରା ଊର୍ଦ୍ଧ୍ୱକୁ ଗତିକରି ଷଡ଼ଚକ୍ର ଭେଦକରି 'ଶିବଶକ୍ତ୍ୟା ଯୁକ୍ତମ୍' ହୁଏ ଯାହାକି ବାସ୍ତବ ରମଣ ଅଟେ । କୁଣ୍ଡଳୀନୀ ଶକ୍ତି ଜାଗ୍ରତ କରିବା ପାଇଁ ଏହା ଉଦ୍ଦିଷ୍ଟ । ଏହାର ଗୁହ୍ୟ ରହସ୍ୟ ସାଧାରଣ ବ୍ୟକ୍ତି ପକ୍ଷେ ବୁଝିବା କଷ୍ଟକର । ଏଣୁ ଏହାକୁ ଅଶ୍ଳୀଳ କହିବା ହାସ୍ୟାସ୍ପଦ ଏବଂ ମୂର୍ଖତାର ଶ୍ରେଷ୍ଠ ପରିଚାୟକ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସତ୍ତ୍ୱଲିପି ସେବା ନଂ - ୧୦୪ରେ ରଥ ଡାହୁକ ସେବାର ଉଲ୍ଲେଖ ରହିଛି । ତେବେ ୧୯୯୫ ମସିହାରେ ରଥଯାତ୍ରା ଠାରେ ମନକୁ ଫାନ୍ଦା ଗୀତ ବା ଦୀର୍ଘ ବର୍ଷ ଧରି ଚଳିଆସୁଥିବା ଗୀତ ଗାଇବା ଉପରେ ଶ୍ରୀମନ୍ଦିର ପ୍ରଶାସନ କଟକଣା ଜାରି କରିଛନ୍ତି । ଯାହାଦ୍ୱାରା ୧୯୯୭ ଠାରୁ ଡାହୁକ ସେବା ବନ୍ଦ ହୋଇଯାଇଛି । ବିଂଶ ଶତାବ୍ଦୀର ଆଦ୍ୟପାଦରେ ପୁରୀର ଉନୈକ ସ୍ୱନାମଧନ୍ୟ କବି ସ୍ୱର୍ଗତ ଜଗଦ୍ଦେବ ମିଶ୍ର ପୁରୀର ଲୋକସଂସ୍କୃତିକୁ ନେଇ ସ୍ଥାନୀୟ ଭାଷାରେ ଲେଖିଥିଲେ 'ସହରୀ ଜାଲମ୍' ନାମକ ଏକ ପୁସ୍ତିକା । ସେଥିରେ ଡାହୁକ ବୋଲି ସଂପର୍କରେ ରୋଚକ ବର୍ଣ୍ଣନା ଅଛି । ସେ ଲେଖିଛନ୍ତି - 'ରଥେ ଭଣ୍ଡ ଡାକ ଛାଡ଼ନ୍ତେ ଡାହୁକ, ବଙ୍କ ସିଆଣିଆ ଲୋକ । ଅରକ୍ଷିତ ଯାକ ଶୁଣିବାକୁ ରଙ୍କ ନମାନିଲେ ଶୋଷ ଶୋକ ।

ଏଥିରୁ ସ୍ପଷ୍ଟ ଯେ ଡାହୁକବୋଲିର ଆକର୍ଷଣ ଲୋକଙ୍କ ପାଖରେ ଥିଲା ତୀବ୍ର । ଡାହୁକ ଶବ୍ଦର ସୃଷ୍ଟି ସମ୍ପର୍କରେ ଭିନ୍ନ ଭିନ୍ନ ଗବେଷକ ଓ ଭାଷାବିତ୍ ଭିନ୍ନ ତଥ୍ୟ ରଖିଛନ୍ତି । କେହି କେହି ଏହାକୁ ଶ୍ରୀଜଗନ୍ନାଥ ରଥର ସାରଥୀ 'ଦାରୁକ, ନାଉରୀ ବା ସାରଥୀ -'ବାହୁକ ବା ଖନାବଚନ ପରି ଯେ ସତ୍ୟବଚନ ବା ଭବିଷ୍ୟବକ୍ତା' ଡାକରୁ ସୃଷ୍ଟି ହୋଇଛି ବୋଲି କୁହନ୍ତି । ଅଧିକାଂଶ କ୍ଷେତ୍ରରେ ଡାହୁକ ବୋଲି ଅନେକାଂଶରେ ଅଶ୍ଳୀଳ ପ୍ରତୀୟମାନ ହେଲେ ହେଁ ତନ୍ତ୍ର ଯୁଗର ସହଜ ସାଧନାର ପ୍ରବାହ ପୁଷ୍ଟ । ଅନୁସନ୍ଧାନରୁ ଜଣାଯାଇଛି ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ୧୯୬୫ରେ ବାରିପଦାରେ ଅଧ୍ୟାପକ ଥିବାବେଳେ ସ୍ଥାନୀୟ ବାରିପଦା ମନ୍ଦିର ପାଇଁ ଓଡ଼ିଆ ଭାଷାର କିଛି ଭଲ ଢଗ ଢମାଳୀ ବାଛିବା ସହିତ ନିଜେ କେତେକ ଡାହୁକ ଗୀତ ଲେଖି ପ୍ରଚଳନ କରାଇଥିଲେ ।

ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାରେ ରହିଛି ଅନେକ ସ୍ୱକୀୟତା । ଆଉ ଏହି ସ୍ୱକୀୟତା ହିଁ ତାର ସୁଗନ୍ଧ । ଯଦି ସଂସ୍କୃତ ଓ ସଭ୍ୟ କରିବା ଆଳରେ ଏହି ସଂସ୍କୃତ ଓ ପରମ୍ପରାରେ ଅଯୌକ୍ତିକ ଓ ଅଯଥାର୍ଥ ପରିବର୍ତ୍ତନ କରାଯାଏ ତେବେ ତାହା ଆଦୌ ଗ୍ରହଣୀୟ ହୋଇପାରିବ ନାହିଁ ବୋଲି କେତେକ ଗବେଷକଙ୍କ ମତ । ସେମାନଙ୍କ ଯୁକ୍ତି ହେଉଛି ଡାହୁକମାନେ ରଥରେ ଯେଉଁ ଆମୋଦଦାୟକ ପଂକ୍ତି ସମୂହ ଉଚ୍ଚାରଣ କରିଆସୁଥିଲେ ତାହାର ସାହିତ୍ୟିକ ତାତ୍ପର୍ଯ୍ୟ ରହିଛି । ବୌଦ୍ଧଗାନ ଓ ଦୋହାର ରଚୟିତା ହିଁ ହେଉଛନ୍ତି ଡାହୁକ ବୋଲିର ପ୍ରଣେତା । ଏଇଠି ବି କିଛି ଐତିହାସିକଙ୍କ ଯୁକ୍ତି ବିଭିନ୍ନ ମନ୍ଦିର ଗାତ୍ରରେ ମୈଥୁନ ମୁଦ୍ରାରେ ଥିବା ମୂର୍ତ୍ତି ବି ସଂପୂର୍ଣ୍ଣ ଅଶ୍ଳୀଳ ହେତୁ ତାକୁ କ'ଣ ଭଙ୍ଗା ଯିବା ଦରକାର ?

୧୯୯୪ ମସିହା ଡିସେମ୍ବର ୧୨ ତାରିଖରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାଥମିକ ଭାବରେ ଡାହୁକ ବୋଲିକୁ ବନ୍ଦ କରିବା ପାଇଁ ବିଧିବଦ୍ଧ ଯୋଜନା ଆରମ୍ଭ ହୋଇଥିଲା । ପାରମ୍ପରିକ ଡାହୁକ ବୋଲି ତନ୍ତ୍ରତତ୍ତ୍ୱ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଓ ଚକ୍ରତତ୍ତ୍ୱର ଏକ ସମନ୍ୱିତ ପରିପ୍ରକାଶ । ଯାହାକି ପ୍ରାଚୀନ ସାନ୍ଧ୍ୟ ଭାଷାରେ ଲିପିବଦ୍ଧ ହୋଇଛି । ଗଣମାଧ୍ୟମକୁ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲକର ଡାହୁକ ବୋଲିକୁ ଅଶ୍ଳୀଳ ନୁହେଁ ବୋଲି ଦୃଢ଼ଯୁକ୍ତି ବାଢ଼ି କହିଛନ୍ତି ଯେ - 'ଡାହୁକ ବୋଲି ଦ୍ୱିଅର୍ଥ ବୋଧକ ଶବ୍ଦ କିନ୍ତୁ ଏହା ଶରୀର ତତ୍ତ୍ୱ ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଜନମାନସରେ ସଚେତନ ସୃଷ୍ଟି କରିବାଲାଗି ଉଦ୍ଦିଷ୍ଟ । ଅଶ୍ଳୀଳ କହି ଏହାର ତାତ୍ପର୍ଯ୍ୟ ଓ ସାମାଜିକ ପ୍ରାସଙ୍ଗିକତାକୁ ମୂଲ୍ୟହୀନ କହିବା ଅଯୌକ୍ତିକ ।'

ହାଡ଼ିପାଙ୍କ ଏହି ବଚନିକା ସମ୍ଭବତଃ ବୌଦ୍ଧଧର୍ମର ପ୍ରଭାବରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ପ୍ରଚଳିତ । ବୌଦ୍ଧଧର୍ମର ପ୍ରତ୍ୟେକ କାର୍ଯ୍ୟକୁ ବୁଦ୍ଧଙ୍କ ପରେ ତନ୍ତ୍ରଶାସ୍ତ୍ର ପ୍ରଭାବିତ କରିଥିବା ଏକ ସୁବିଦିତ ପ୍ରସଙ୍ଗ । ଡାହୁକ ବୋଲି ଗୁଡ଼ିକ ହେଉଛି ଚର୍ଯ୍ୟାଗୀତି ପ୍ରର୍ଯ୍ୟାୟର । ଓଡ଼ିଆ ଭାଷାର ଆଦ୍ୟ ନିଦର୍ଶନ ରୂପେ ସ୍ୱୀକୃତ ଏହି ଚର୍ଯ୍ୟାଗୀତି ଗୁଡ଼ିକ ମୂଳତଃ ଦ୍ୱିଅର୍ଥବୋଧକ ଓ ସଂଧାଭାଷା ଥିଲା । ଏଥିରୁ ଗୋଟିଏ ଆଧାତ୍ମିକ ଓ ଅନ୍ୟଟି ଅର୍ଥଭୌତିକ । ଭୌତିକ ବାହ୍ୟାର୍ଥରେ ଏହା ପ୍ରଣୟଲୀଳାପ୍ରବଣ ମାଧୁର୍ଯ୍ୟର ସର ଦ୍ୟୋତକ ଏବଂ ଆଧ୍ୟାତ୍ମିକ ଆଭ୍ୟନ୍ତରୀଣ ଅର୍ଥରେ ସାଧନାତତ୍ତ୍ୱ ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱବୋଧକ । ଓଡ଼ିଆ ଅସ୍ମିତା ବା ଓଡ଼ିଆ ଆତ୍ମପିରିଚିତ ବିଷୟରେ ଚିନ୍ତା କରୁଥିବା ଅନେକ ଏବେ ବି ଅନୁଭବ କରନ୍ତି ଯେ ପ୍ରାଚୀନ ଡାହୁକ ବୋଲି ପଛରେ ଗୁଢ଼ତତ୍ତ୍ୱ ଓ ଦାର୍ଶନିକତା ନିହିତ ରହିଛି । ଯାହାକି ଲୋକ ପରମ୍ପରାର ଉଦ୍ଧରୁ ଏହି ବୋଲି ଉଦ୍ଭବ ।

ଅତଏବ ଜଗନ୍ନାଥଙ୍କ ସମସ୍ତ ପ୍ରକାରର ଯାନିଯାତ୍ରା ସବୁ ପ୍ରକାରର ଧର୍ମଧାରାକୁ ନେଇ ଗଠିତ । ସର୍ବ ଧର୍ମର ସମନ୍ୱୟ କ୍ଷେତ୍ର ଏଇ ଶ୍ରୀକ୍ଷେତ୍ର । ଜଗନ୍ନାଥଙ୍କର ପ୍ରତ୍ୟେକ ଯାତ୍ରାରେ କିଛି ନା କିଛି ଗୁହ୍ୟ ରହସ୍ୟ ରହିଛି ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ,
ଦୂରଭାଷ;୯୧୩୨୪୩୩୩୩୩

# 'ଘର ନୁହେଁ ମୋର ସିଏ ସରଗପୁର, ମୋ ଘରେ ମୋ ପିତାମାତା ଚଳନ୍ତି ଠାକୁର'

## ।। ନିରୂପମା ଭୂୟାଁ ।।

ନାରୀକୁ ଦିଆଯାଉଥିବା ପଦବୀ ଗୃହଲକ୍ଷ୍ମୀ, ଘର ଓ ପରିବାରର ସବୁପ୍ରକାର ସମୃଦ୍ଧି, ଆଦର ଓ ସୁନାମ ବୃଦ୍ଧି କରିବା ନାରୀ ଠାରୁ ଆଶା କରାଯାଏ । ଆଉ ଏକ ନାମ ଅର୍ଦ୍ଧାଙ୍ଗିନୀ, ସ୍ୱାମୀର ଅର୍ଦ୍ଧାଙ୍ଗିନୀ ଓ ତାକାମରେ ସହଯୋଗୀ ଅଟେ । ତା'ପରେ ଘରଣୀ ଘର ଭିତରେ ମାଲିକ, ଚତୁର୍ଥ ଉପାଧି ଧର୍ମପତ୍ନୀ, କାରଣ ଘର ହେଉଛି ସମସ୍ତ ଧର୍ମ କର୍ମର ପୀଠସ୍ଥଳ । 'ଘର ନୁହେଁ ମୋର ସିଏ ସରଗପୁର, ମୋ ଘରେ ମୋ ପିତାମାତା ଚଳନ୍ତି ଠାକୁର ।' ସତ୍ୟ ଧର୍ମ ଶାନ୍ତି ପ୍ରେମ ମୋ ଭାଇ ଭଉଣୀ, ଅହିଂସା ପଥରେ ନାମ କେବେ ଝୁଣ୍ଟିବନି ।' ସେଥିଲାଗି କୁହାଯାଉଛି ପ୍ରଥମେ ଘର ତା'ପରେ ଅନ୍ୟ ଚିନ୍ତା କର । ନାରୀମାନଙ୍କୁ ସାମାନ୍ୟ ମନେ କରିବା ଉଚିତ ନୁହେଁ । ନାରୀମାନେ ସାତ ପ୍ରକାର ଶକ୍ତିର ଅଧିକାରୀ ପୁରୁଷ ତିନୋଟି ଗୁଣର ଅଧିକାରୀ । ନାରୀମାନଙ୍କୁ ପୁରୁଷମାନଙ୍କ ଠାରୁ ହୀନ ମନେକରିବା ପାପ । ନାରୀ ସେମାନଙ୍କ ମୃତ ପତିମାନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରନ୍ତି । ପୁରୁଷ ନୁହେଁ ସଙ୍ଗେ ସଙ୍ଗେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାର ଆଗଭର। । ସୀତା ପବିତ୍ରତାର ସ୍ୱରୂପ । ପରମ ପତିବ୍ରତା ନାରୀ । ତାଙ୍କ ହୃଦୟ ନିର୍ମଳ । ସୁମିତ୍ରା, ଉର୍ମିଳା ତ୍ୟାଗର ପ୍ରତୀକ । ଯେତେବେଳେ ଲକ୍ଷ୍ମଣ ସୁମିତ୍ରାଙ୍କ ପାଖକୁ ଯାଇ ଆଶୀର୍ବାଦ ଭିକ୍ଷାଲାଭ କଲେ ସେତେବେଳେ ସୁମିତ୍ରା ଲକ୍ଷ୍ମଣଙ୍କୁ କହିଥିଲେ ହେ ମୋର ପ୍ରିୟ ପୁତ୍ର ରାମ ତୋର ପିତା, ସୀତା ତୋର ମାତା ସେମାନଙ୍କ ସେବାରେ ତୋର ଯେପରି ପ୍ରତିବନ୍ଧକ ନହେଉ । ଏପରି କଥା କୌଣସି ମାତା କହିପାରିବ ନାହିଁ । ତା'ପୁଅ ରାମ ପାଇଁ ଚଉଦ ବର୍ଷ ବନକୁ ଯାଉ । ସେହିପରି ଉର୍ମିଳା ସେ ଲକ୍ଷ୍ମଣଙ୍କୁ ବନକୁ ଯିବାରୁ ବାରଣ ନକରି ସେ କିପରି ଉର୍ମିଳା କଥା ନଭାବି ରାମ ସୀତାଙ୍କ ସେବା କରିବେ ସେ ତାଙ୍କର ସ୍ୱାମୀଙ୍କୁ କହିଥିଲେ । ମନ୍ଦୋଦରୀ ମଧ୍ୟ ରାବଣ ଅସତ୍ ପଥରେ ଯାଉଥିବା କେତେ ବୁଝାଇଥିଲେ । ଯେତେବେଳେ ସୀତା ଅଶୋକ ମାନରେ ସେ ରାବଣଙ୍କୁ କହିଥିଲେ ଯଦି ଅନ୍ୟଜଣଙ୍କ ପତ୍ନୀ ଅପହରଣ କରିବା ସବୁଠୁ ଜଘନ୍ୟ ଅପରାଧ । ଟିକେ ଚିନ୍ତାକର ଯଦି ମୋତେ କିଏ ଅପହରଣ କରିନିଏ ତୁମର ଅବସ୍ଥା କ'ଣ ହେବ । ପତ୍ନୀର ଅଧିକାର ଅଛି ସ୍ୱାମୀ କୁପଥରେ ଗଲେ ବାରଣ କରିବା । ରାବଣ ମନ୍ଦୋଦରୀ କଥା ଶୁଣିନଥିଲେ ରାବଣର ନିହତ ହେଲା । କୁନ୍ତୀ ହେଉଛନ୍ତି ଆଦର୍ଶ ଭକ୍ତିର ପ୍ରତୀକ । ସେ କୃଷ୍ଣଙ୍କୁ ମୁଁ ଦେହତ୍ୟାଗ କରି ତୁମ ପାଦତଳେ ବିଲୀନ ହେବାଯାଏ ମୋତେ କଷ୍ଟ ଦେଉଥାଅ । କୃଷ୍ଣ କହିଥିଲେ ଯେହେତୁ ମହାରାଜ ପଣ୍ଡୁଙ୍କୁ ବିବାହ କଲାଦିନଠୁ କଷ୍ଟ ପାଉଛ । ତାହା ଯଥେଷ୍ଟ ନୁହେଁ କି ? କୁନ୍ତୀ କହିଥିଲେ କଷ୍ଟ ଭୋଗିବାରେ ଯେଉଁ ସୁଖ ଅଛି ତାହା କେବଳ ମୁଁ ଜାଣେ କାରଣ ଯେ ପିଲାମାନେ ଓ ମୁଁ ତୁମର ଯେଉଁ ଦିବ୍ୟ ସାନ୍ନିଧ୍ୟ ଉପଭୋଗ କରିଆସୁଛି ତାହାହିଁ ମୋତେ ଆନନ୍ଦ ଦେଉଛି । ସେହିପରି ନାରୀ ଦ୍ରୌପଦୀ ଦୟାର ମୂର୍ତ୍ତିମନ୍ତ ଅଶ୍ୱତ୍ଥାମା ଉପପାଣ୍ଡବଙ୍କୁ ହତ୍ୟା କରିସାରିଲାପରେ । ଯେତେବେଳେ ଦ୍ରୌପଦୀ ଏତେ ଦୁଃଖ ସହି ମଧ୍ୟ ଅର୍ଜୁନଙ୍କୁ କହିଥିଲେ । ମୁଁ ଯେପରି ମୋର ପୁତ୍ର ମୃତ ପରେ ଯେତେ ଦୁଃଖ ପାଉଛି ମୁଁ ଚାହେଁ ନାହିଁ ମୋପରି କେହି ମାତା ଦୁଃଖ ପାଉ । ଏ ପୁରାଣ ବର୍ଣ୍ଣିତ କଥା ଗଲା ସେହିପରି ପୁତଳୀବାଇ, ଶାରଦା ଦେବୀ, ମଦର ଟେରେସା, ରମାଦେବୀ, ଏମିତି କେତେ ଯେ ମହିମାନାରୀ ଆମ ଦେଶରେ ଆମ ପାଇଁ ଚିରସ୍ମରଣୀୟ ହୋଇଛନ୍ତି ତାର କଳନା ନାହିଁ । ନାରୀ ହୃଦୟ ଅତନ୍ତି ପବିତ୍ର କାରଣ ତାହା ଅମୃତତମ ପ୍ରେମ କରୁଣାର ପରିପୂର୍ଣ୍ଣ ବେଳେ ବେଳେ ନାରୀମାନେ ରାଗି ଯାଆନ୍ତି କାରଣ ସେମାନେ କିନ୍ତୁ ସେମାନେ ସଙ୍ଗେ ସଙ୍ଗେ ମିଳାମିଶା କରନ୍ତି । କଳିଯୁଗର ପ୍ରଭାବ ଯୋଗୁଁ ଅର୍ବାଚିତ ନାରୀମାନଙ୍କଠାରେ ବେଳେବେଳେ ପ୍ରେମଭାବର ଅଭାବ କଥାଯାଉଛି । ସେହିପରି କ୍ୱଚିତ ନାରୀ ମାନଙ୍କ ପାଇଁ ଘର ପରିବାର ଭିତରେ ଭିନ୍ନ ଭାବନା ସୃଷ୍ଟି ହେଉଛି । ଅନେକ ପରିବାର ଭାଙ୍ଗି ଯାଉଛି ଏବଂ ଭାଇ ଭାଇଙ୍କ ଭିତରେ ସମ୍ପର୍କ ମଧ୍ୟ ତିକ୍ତ ଆସି ଅତ୍ୟନ୍ତ ଜଟିଳପୂର୍ଣ୍ଣ ଓ ଆହ୍ୱାନ ଦାୟକ ସମସ୍ୟା ସୃଷ୍ଟି କରୁଛି । କିନ୍ତୁ ଆଜି ଗୁଣବତୀ ଓ ଶୀଳବତୀ ନାରୀ ଅଛନ୍ତି । ଏବାଦ୍ୱଶ ମହିମାମୟୀ ନାରୀମାନଙ୍କ ଉପରେ ନିର୍ଭର କରେ । ତେଣୁ ସେମାନଙ୍କୁ ହୀନ ଦୃଷ୍ଟିରେ ଦେଖିବାନାହିଁ । ସବୁ ବୟସ୍କା ନାରୀମାନଙ୍କୁ ଆମେ ଆମର ମାତା ଭାବରେ ଓ ଅଳ୍ପ ବୟସ୍କା ଆମର ଭଉଣୀ ଭାବରେ ଦେଖିବା । ମାତା ଜଣେ ସାଧାରଣ ନାରୀ ନୁହନ୍ତି । ସେ ଦେବୀ ସ୍ୱରୂପିଣୀ ତାଙ୍କର ପ୍ରାର୍ଥନା କର । ଥରେ ଆମେ ଆମର ମାତା ଆଶୀର୍ବାଦ ଲାଭ କଲେ ପୃଥିବୀର ଯେ କୌଣସି ଭଗ୍ନ ହାସଲ କରିବ ତାକୁ କଦାପି ଅବଜ୍ଞା ଅପ୍ରସନ୍ନ କରିବାନାହିଁ । 'ନାରୀ ଅସମ୍ମାନ କରନାହିଁ କେବେ, ନାରୀ ନାମେ ଆମ ଦେଶ । ଯେଉଁ ଘରେ ନାରୀ ଲୁହକୁ ଗଡ଼ାଏ, ସେ ଘର ହୁଅଇ ଧ୍ୱଂସ ।'

କେନ୍ଦ୍ରାପଡ଼ା ଜିଲ୍ଲା, ପଳାଇ
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ;୯୯୩୭୪୭୦୯୮୦

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

## ।। ପଙ୍କଜ କୁମାର ପାଣିଗ୍ରାହୀ ।।

ଆମ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ନବୀକରଣ କହିଲେ ଅତ୍ୟୁକ୍ତି ହେବନାହିଁ ଯାହା ଏହି କିଛି ମାସ ହେବ କରାଯାଇ ଅଛି । କିନ୍ତୁ ସେହି ନୂତନ ଢାଞ୍ଚାର ପ୍ରଭାବ କିଛି ଅଛି ନା ଏହା କେବଳ ଦର୍ଶନୀ, ବୁଝିବା କଷ୍ଟ ହୋଇ ପଡୁଛି ଆମ ପାଖରେ ! କାରଣ ସମଗ୍ର ସାଢେ ଚାରି କୋଟି ରାଜ୍ୟବାସୀ ଦେଖୁଛନ୍ତି, ବୁଝୁଛନ୍ତି ଯେ ପୀଡିତ, ପୀଡ଼ିତାଙ୍କ ସମସ୍ୟା ସମାଧାନ କରୁଛନ୍ତି ଆମ ସ୍ୱଚ୍ଛ ଉଦାରଶୀଳ ମାନ୍ୟବର ମୁଖ୍ୟମନ୍ତ୍ରୀ । ସମସ୍ତେ କିନ୍ତୁ ସେଠାକୁ ଯାଇ ଅଭିଯୋଗ କରିବା ସମ୍ଭବ ହେବ ନାହିଁ । ଗୋଟିଏ ଥରରେ ୧୦୦୦ ଲେଖାଏଁ ମୋଟ ହୁଏତ ୨୫୦୦୦୦ ଲୋକଙ୍କ ଗୁହାରି କେବଳ ଶୁଣି ପାରିବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯଦି ଏହା ତାଙ୍କର କାର୍ଯ୍ୟକାଳ ୫ ବର୍ଷ ପର୍ଯ୍ୟନ୍ତ ରହେ । କିଂନ୍ତୁ କାହାର ସମସ୍ୟା ସମାଧାନ ହେଉଛି କି ନାହିଁ ସେସବୁ ଜାଣିବା ସମଗ୍ର ସାଢେ ଚାରି କୋଟି ରାଜ୍ୟବାସୀଙ୍କ ନିକଟରେ ସମ୍ଭବ ହେବନାହିଁ । ତଥାପି ସମସ୍ତେ ବୁଝୁଛନ୍ତି ଯେ ଆମ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣୁଛନ୍ତି ଯାହା ପୂର୍ବ ସରକାରରେ ହେଉନଥିଲା । ଏହି ପ୍ରସଙ୍ଗରେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଉପରେ ଏକ ବିଶେଷ ଉପସ୍ଥାପନା..ମହାଶୟ ଆପଣମାନେ ସମସ୍ତଙ୍କୁ ଏଠାରେ କହିବା ଆବଶ୍ୟକ ନୁହେଁ ବରଂ ସମସ୍ତଙ୍କୁ ଗୋଚର ଅଛି ଯେ ଆଜିକୁ ପ୍ରାୟ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ପୂର୍ଣ୍ଣ ନିରବ / ସ୍ଥାଣୁ ଅବସ୍ଥାରେ ରହି ଆସୁଥିଲା । ଏହା ସମସ୍ତେ ଜାଣନ୍ତି । ମୁଁ ମଧ୍ୟ ଥରେ ଦୁଇଥର ଯାଇ ଦେଖିଛି ଯେ ମୁଖ୍ୟମନ୍ତ୍ରୀ କ'ଣ, କୌଣସି ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ମଧ୍ୟ ସେଠାରେ ଦେଖିବାକୁ ମିଳୁନଥିଲେ ! କେବଳ କିଛି ସରକାରୀ କର୍ମକର୍ତ୍ତା କାର୍ଯ୍ୟାଳୟଟିକୁ ଚଳଂଚଳ କରି ରଖିଥିଲେ ଯେଉଁଠି କୌଣସି କାର୍ଯ୍ୟ କରାଯାଉ ନଥିଲା । ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମାନ୍ୟବର ମୋହନ ଚରଣ ମଝି ଏହି ବିଷୟକୁ ଅତ୍ୟନ୍ତ ଗମ୍ଭୀର ଭାବେ ନେଇଛନ୍ତି । ଏବଂ ସେ ରାଜ୍ୟର ସେହି ଅଭିଯୋଗ ପ୍ରକୋଷ୍ଠଟିକୁ ସକ୍ରିୟ ଚଳଂଚଳ କରି କାର୍ଯ୍ୟ ମଧ୍ୟ କରୁଛନ୍ତି । ଅନେକ ପୀଡିତ, ପୀଡିତା ନିଜ ନିଜ ଅଭିଯୋଗ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଉପସ୍ଥାପନ କରୁଥିବା ମଧ୍ୟ କୌଣସି ଅଲୌକିକ ଭାଷଣ ନୁହେଁ ବରଂ ସମ୍ପୂର୍ଣ୍ଣ ସତ୍ୟ । କିଂନ୍ତୁ ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ ହେଉଛି କି ନାହିଁ ତାହା ସମ୍ପୂର୍ଣ୍ଣ ସ୍ତରରେ ସାର୍ବଜନୀନ ହୋଇ ପାରୁନାହିଁ କିମ୍ବା ତାହା ମଧ୍ୟ ସମ୍ପୂର୍ଣ୍ଣ ରୂପେ କରିବା ସମ୍ଭବ ନୁହେଁ । ହେଲେ ଅଭିଯୋଗ ଗୁଡିକ ବାସ୍ତବରେ କେତେଦୂର ସଫଳ କାର୍ଯ୍ୟକାରୀ ହେଉଛି ତାରି ଉପରେ ସମଗ୍ର ରାଜ୍ୟବାସୀ ନଜର ରଖିଥିବା ବେଳେ ମୋର ଏକ ବ୍ୟକ୍ତିଗତ ଅନୁଭୂତିକୁ ପରିବେଷଣ କରି ଆପଣ ମାନଙ୍କ ମତାମତ ଆବଶ୍ୟକ କରୁଛି ଏଠାରେ । ପୂର୍ବରୁ ସମ୍ପୂର୍ଣ୍ଣ ଅଚଳ ରହିଥିବା ସେହି ଅଭିଯୋଗ ପ୍ରକୋଷ୍ଠ ଏବଂ ବର୍ତ୍ତମାନର ଚଳଚଞ୍ଚଳତା ମଧ୍ୟରେ ପ୍ରଭେଦ କ'ଣ ରହିଛି ବିଚାର କରି ଦେଖିବେ ଆପଣ । ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗକୁ କେମିତି ଦେଖୁଛନ୍ତି, ଦେଖିବେ ତାହା ଆମେ ଦେଖିବା ବାକି ରହିଛି ଭବିଷ୍ୟତରେ । ମୋର ଏକ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୋଟିଏ ପ୍ରସଙ୍ଗକୁ ନେଇ ଉପସ୍ଥାପନ କରିଥିଲି ଯାହା ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀଙ୍କ ପାଖକୁ ପ୍ରେରଣ କରିଦିଆଗଲା ଏବଂ ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀ ମୋର ଅଜ୍ଞାତରେ / କୌଣସି ତଦନ୍ତ ନକରି ମୋ ବିରୁଦ୍ଧରେ ବ୍ୟାପକ ମିଥ୍ୟା ତଥ୍ୟ ଦେଇ ଆମ ମୁଖ୍ୟମନ୍ତ୍ରିଙ୍କ ମୁହଁକୁ ଢଙ୍କା କରିବାରେ ସକ୍ଷମ ହୋଇପାରିଲେ । ଏବଂ ମୋତେ ଯେତିକି କଷ୍ଟ ଦେଇଥିଲେ ତାଠାରୁ ଯଥେଷ୍ଟ ଅଧିକ କଷ୍ଟ ଦେଇ ମୃତ ସମାନ ସ୍ତରରେ ଆଣି ପହଂଚାଇ ଦେଇପାରିଲେ ବିଭିନ୍ନ ସ୍ତରରେ ମିଥ୍ୟା ତଥ୍ୟ ଦେଇ ! ତା'ପରେ ମୋର ଧର୍ମପତ୍ନୀ ସମ୍ପୃକ୍ତ ବିଭାଗୀୟ ଶାସନ ସଚିବଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ତାହାର ସ୍ଥିତି କ'ଣ ରହିଛି ଅନ୍ୟୁନ ୪ ମାସ ହେବ ଏପର୍ଯ୍ୟନ୍ତ ତାଙ୍କୁ କିଛି କୁହାଯାଇ ନାହିଁ କିମ୍ବା କୌଣସି ତଦନ୍ତ କରାଯାଇ ନାହିଁ ! କିଂନ୍ତୁ କୌଣସି ସୂତ୍ରରୁ ଖବର ମିଳିଛି ଯେ ତା ଉପରେ ମଧ୍ୟ ସମ୍ପୃକ୍ତ ଅଧିକାରୀ କେବଳ ନିଜ ସ୍ତରରେ ବିଭିନ୍ନ ମିଥ୍ୟା ତଥ୍ୟ ପ୍ରସ୍ତୁତ କରି ଉଚ୍ଚାଧିକାରୀଙ୍କୁ ପ୍ରଦାନ କରିଛନ୍ତି ଯେଉଁଥିରେ ସରକାରୀ କଳ ସନ୍ତୁଷ୍ଟ ! ଅଭିଯୋଗକାରୀ କିଂନ୍ତୁ ଆଶାତୀତ ଯନ୍ତ୍ରଣାଦାୟୀ ଅବସ୍ଥାରେ ରହିଛନ୍ତି ଏପର୍ଯ୍ୟନ୍ତ । ପୁନର୍ବାର ମୋର ଏକ ପଟ୍ଟା ଜମିକୁ ବିହ୍ନଟ କରି ଦେବାରେ ବିଫଳ ଛତ୍ରପୁର ତହସିଲଦାରଙ୍କ ନିଷ୍କ୍ରିୟତା ଉପରେ ଅଭିଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଁ ଉପସ୍ଥିତ ହେଲି ଡ଼ିସେମ୍ବର ୩୦, ୨୦୨୪ରେ । ସେହିଦିନ ସମ୍ପୃକ୍ତ ଅଭିଯୋଗଟି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଉପରେ ଏକ ଅଭିଯୋଗ ପତ୍ର ମଧ୍ୟ ଦାଖଲ କଲି । ଦୁର୍ଭାଗ୍ୟକୁ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ କରିବାରୁ ବଂଚିତ ରହି କେହି ଜଣେ ପଦସ୍ଥ ଅଧିକାରୀଙ୍କୁ ଦେଇଥିବା ସେହି ଅଭିଯୋଗ ଉପରେ ସେ ମତ ରଖିଲେ ଯେ ମହାଶୟ ଆପଣ ଯାହା ଭାବୁଛନ୍ତି ସେମିତି କେବେ ହେବା ସମ୍ଭବ ନୁହେଁ । ଜୀବନରେ କେବେହେଲେ କୌଣସି ଅସାମାଜିକ, ଅମାନବୀୟ, ସ୍ୱାର୍ଥବାଦୀ କାର୍ଯ୍ୟ କରିନଥିବା ଜଣେ ମଣିଷ କ'ଣ ଭାବୁଛି ଯେ ତାହା ହେବନାହିଁ ମୁଁ ସେଠାରେ ବୁଝି ପାରିନଥିଲି ! କିଂନ୍ତୁ ତାଙ୍କର ସେହି କଥାକୁ ଦୋହରାଇ ଦୁଇ ଦିନ ପରେ ତାର ଉତ୍ତର ପାଇଲି ଯେ ମୁଁ ଯାହା କହୁଥିଲି ଯେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଗୁଡିକ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ପଠାଇ ଦେଉଛନ୍ତି ଏବଂ ଜିଲ୍ଲାପାଳ ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀଙ୍କ ପାଖକୁ, ଯଦ୍ୱାରା ସାର୍ଥକ ନ୍ୟାୟ ମିଳିବା ତ ଦୂର ବରଂ ଅଭିଯୋଗକାରୀଙ୍କ ସମସ୍ୟା ଶତଗୁଣିତ ହେଉଛି ସମାଧାନ ହେବା ପରିବର୍ତ୍ତେ । ତେଣୁ ଏହାର ବିକଳ୍ପ ସମ୍ଭବ ନାହିଁ ବୋଲି ସେ ମୋତେ କହିଥିଲେ । ତାହେଲେ ଏହି ଅଭିଯୋଗ ପ୍ରକୋଷ୍ଠର ଅର୍ଥ କ'ଣ ଏପର୍ଯ୍ୟନ୍ତ ମୋତେ ଅବୁଝା ରହିଛି ! ଏହା ମୁଁ କେବଳ ମୋର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କହି ନଥିଲି ବରଂ ଗଣତାନ୍ତ୍ରିକ ସମାଜର ସମସ୍ତ ସଚେତନ ନାଗରିକଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ କହିଥିଲି ଯାହା ଅସମ୍ଭବ ବୋଲି ମୋତେ ଉତ୍ତର ମିଳିଲା । ମୋର ଏହି ପ୍ରସଙ୍ଗର ଜ୍ୱଳନ୍ତ ଉଦାହରଣ ତଥା ଅଦ୍ୟାବଧି ସମସ୍ୟାର ସମାଧାନ ନହୋଇ ବରଂ ସମସ୍ୟା ଗୁଣାତ୍ମକ ହୋଇଥିବା ସତ୍ୟ ଘଟଣାକୁ ଦେଖି ବିଚାର କରିବା ଯେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣୁନଥିଲେ ଆଉ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଶୁଣି ଆମର ଭଲ ହୋଇଛି ନା ମନ୍ଦ !! ମୋର ପୂର୍ବ ଅଭିଯୋଗ ଉପରେ କୌଣସି ତଦନ୍ତ ନକରି ତଥା ନିଜ ସ୍ତରରେ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରାଯାଇଥିବା ଅନୁରୂପ ଢଙ୍ଗରେ ଛତ୍ରପୁର ତହସିଲଦାର ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟ ଦେଇ ସରକାରଙ୍କୁ ସନ୍ତୁଷ୍ଟ କରିଛନ୍ତି ଯାହାର ପ୍ରମାଣ ରହିଛି ମୋ ପାଖରେ । ତଦ୍ୱାରା ମୋର ବ୍ୟାପକ କ୍ଷତି ହେଉଛି ଏବଂ ମୋର ଜୀବନ ଯନ୍ତ୍ରଣାର ସୀମା ନାହିଁ । ତଥାପି କେହି ଶୁଣିବାକୁ ନାହାଁନ୍ତି ଏଠାରେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯିବା ପୂର୍ବରୁ ଏବଂ ତାତ୍ପରବର୍ତ୍ତୀ ସମୟ ଗୁଡିକରେ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ତଥା ଉପ - ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ରାଜସ୍ୱ ଡ଼ିଭିଜନାଲ କମିଶନରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରସ୍ଥ ହୋଇ ସମ୍ପୂର୍ଣ୍ଣ ଲିଖିତ ଅଭିଯୋଗ ଦାଖଲ କରିବା ପରେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ଶୂନ୍ୟ ! ଏହି ପରିପ୍ରେକ୍ଷୀରେ ପୂର୍ବତନ ସରକାରଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ହେଉନଥିବା ଏବଂ ବର୍ତ୍ତମାନ ଶୁଣାଯାଉଥିବା ମଧ୍ୟରେ ପାର୍ଥକ୍ୟ କ'ଣ ଏବଂ କେଉଁଟା ଉତ୍ତମ ଥିଲା ବିଚାର କରିବେ ଜନସାଧାରଣ । ଏହି ଅମାନୁଷିକ ଅତ୍ୟାଚାର କେବଳ ମୋ ପାଇଁ ନା ଆଉ କେହି ଭୋଗିଛନ୍ତି ତାଙ୍କ ଅନୁଭୂତି ପ୍ରକାଶ ପୂର୍ବକ ସମଗ୍ର ରାଜ୍ୟବାସୀଙ୍କୁ ସଚେତନ କରିବା ହୁଅନ୍ତୁ ଭୁକ୍ତଭୋଗୀ ବୋଲି ଆମର ଆହ୍ୱାନ । ମୋର ସେହି ପୂର୍ବ ପ୍ରସଙ୍ଗ ଉପରେ ଦୁଇଥର ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆମ ରାଜ୍ୟ ସରକାର ତଥା ମୁଖ୍ୟ ଶାସନ ସଚିବଙ୍କୁ ପତ୍ରାଳାପ ହୋଇଥିବା ବେଳେ ତାଙ୍କୁ ସମ୍ପୂର୍ଣ୍ଣ ବେଖାତିରି କରି କୌଣସି ପଦକ୍ଷେପ ନିଆଯାଇ ନଥିଲା ପୂର୍ବ ସରକାରଙ୍କ ସମୟରେ ! ଆଉ ସେହି ସରକାରୀ ଅଧିକାରୀଗଣ ଆମ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କୁ ବେଖାତିରି କରି ମୋ କାର୍ଯ୍ୟ କରୁନଥିବା କୌଣସି ନୂଆ କଥା ନୁହେଁ ମୋ ପାଇଁ ! ତଥାପି ଆମେ ଆଶାର ଆଲୋକ ଅନ୍ୱେଷଣରେ ସର୍ବଦା ରହିଛୁ ହୁଏତ କେହି ଆମର ନ୍ୟାର୍ଯ୍ୟ ଦାବି ତଥା ୧୦୦ ଶତକଡା ନ୍ୟାୟସଂଗତ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନେବେ ପରା ବୋଲି । କିନ୍ତୁ କିଛି ହେଉନାହିଁ । ଏହାକୁ କେବଳ ଆମ ରାଜ୍ୟ ସରକାରଙ୍କ ବିଫଳତା ବୋଲି କୁହା ଯାଇପାରିବ ନା ସମଗ୍ର ଦେଶ ଆଜି ବିପଦରେ ବିଚାର କରିବେ ସୁଧିଜନେ । ଆଉ କେହି ଅଛନ୍ତି ଏବଂ ଆମେ ନ୍ୟାୟ ପାଇବା କିପରି ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ । ନା ଏମିତି ପ୍ରତାରଣରେ ହିଁ ଆମ ଜୀବନ ଗଳିଯିବ ଦେଖିବାକୁ ବାକି ରହିଲା ଯେ ପ୍ରକୃତରେ କେତେ ସ୍ୱଚ୍ଛ ଆମେ ଓ ଆମ ଦେଶ ସମ୍ବିଧାନ ଯେ ଏହା ଏକ ଗଣତନ୍ତ୍ର ରାଷ୍ଟ୍ର ନା କଠୋର ଦମନଶୀଳ ରାଷ୍ଟ୍ର !!

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.:୯୪୩୭୩୨୪୯୧୭.

